**ପ୍ରଗତିବାଦୀ**
● ଭୁବନେଶ୍ୱର, ମଙ୍ଗଳବାର
● ଅଗଷ୍ଟ ୩୦, ୨୦୧୬

# ଆଜି ଆଇଆଇଟି ଭୁବନେଶ୍ୱର ୫ମ ବାର୍ଷିକ ସମାବର୍ତ୍ତନ ଉତ୍ସବ



**ଭୁବନେଶ୍ୱର,ତା୨୯।୮(ପିଏନଏସ):** ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବ ଆଜି ଜଟଣୀର ଅରଗୁଳ ଠାରେ ଅନୁଷ୍ଠିତ ପୂର୍ବାହ୍ନ ୧୧.୩୦ ସମୟରେ ଅରଗୁଳ ସ୍ଥିତ ସ୍ଥାୟୀ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମାବର୍ତ୍ତନ ଉତ୍ସବରେ ଶିକ୍ଷାନୁଷ୍ଠାନର ୭ଜଣଙ୍କୁ ଡକ୍ଟରେଟ ଡିଗ୍ରୀ, ୫୫ ଜଣଙ୍କୁ ଏମ ଟେକ ଡିଗ୍ରୀ, ୬୯ ଜଣଙ୍କୁ ଏମଏସସି ଡିଗ୍ରୀ ଓ ୧୧୦ ଜଣଙ୍କୁ ବି-ଟେକ ଡିଗ୍ରୀ ପ୍ରଦାନ କରାଯିବ ବୋଲି ସୋମବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଆର.ବି. ରାଜା କୁମାର କହିଛନ୍ତି। ବି-ଟେକ ବ୍ୟାଚର ଛାତ୍ର ପ୍ରିୟମ ଦେଙ୍କୁ ଦି ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ଗୋଲ୍ଡ ମେଡାଲ ପ୍ରଦାନ କରାଯିବ। ଏମ୍ ଟେକ ବ୍ୟାଚର ଛାତ୍ରୀ ସୁଭଶ୍ରୀ ସୁବୁଦ୍ଧି, ଏମଏସସି ବ୍ୟାଚର ଛାତ୍ରୀ ଶ୍ୱେତା ସିଂଙ୍କୁ ଦି ଡାଇରେକ୍ଟରର୍ସ ଗୋଲ୍ଡ ମେଡାଲ ପ୍ରଦାନ କରାଯିବ।ଏମ ଟେକ ବ୍ୟାଚର ସୁଭୋଜିତ ରାୟ, ଦିପଞ୍ଜନ ଦେ, ପ୍ରିୟଙ୍କା ଦେ, ପଙ୍କଜ ଦିଲ୍ଲିପ, ଅଂଶୁମାନ ଚାଉ ପଟ୍ଟନାୟକ, ସୁଭଶ୍ରୀ ସୁବୁଦ୍ଧିଙ୍କୁ ସିଲଭର ମେଡାଲ ପ୍ରଦାନ କରାଯିବ। ବି-ଟେକ ବ୍ୟାଚର ପ୍ରଣୟ ଗୌର, ପ୍ରିୟମ ଦେ, ବୋଦେପୁଡି ରିଭନ୍ତ ପ୍ରମୁଖଙ୍କୁ ସିଲଭର ମେଡାଲ ପ୍ରଦାନ କରାଯିବ। ସେହିପରି ଏମଏସସି ବ୍ୟାଚର ଶ୍ୱେତା ସିଂ, ସୀବା ପାରିକ, ଉର୍ମି ଘୋଷ, ଦିକ୍ଷା ତିୱାରୀ ଓ ବସୁନ୍ଧରା ଘୋଷଙ୍କୁ ସିଲଭର ମେଡାଲ ପ୍ରଦାନ କରାଯିବ। ଏହି ମେଡାଲ ପ୍ରଦାନ କରିବେ ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁରେନ୍ଦ୍ର ପ୍ରସାଦ।